# ହିଙ୍ଗୁଳା ପୀଠରେ ପ୍ରବଳ ଭିଡ଼

**ତାଳଚେର,୧୧ (ମନୋଜ ନନ୍ଦ)**

ଇଲିଂଶ ନବବର୍ଷ ପାଳନ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ପାଇଁ ସୋମବାର ପ୍ରବଳ ଜନସମାଗମ ହୋଇଥିଲା। ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ମା'ଙ୍କ ପହିଲି ଦର୍ଶନ କରି କୃପାଲାଭ କରିବା ନିମନ୍ତେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନଙ୍କ ହଗଳି ଲାଗିଥିଲା। ଭକ୍ତମାନେ ଲମ୍ବାଧାଡ଼ିରେ ଛିନାହୋଇ ଶୃଙ୍ଖଳାର ସହ ମା'ଙ୍କ ଦୁର୍ଲଭ ବେଶ ଦର୍ଶନ କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



# ଅନ୍‌ଲାଇନ ବୁକିଂ ବ୍ୟବସ୍ଥା ଉଦ୍‌ଘାଟିତ



ଅନ୍‌ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଉଛି।

**ଅନୁଗୋଳ,୧୧ (ଅମିତ କୁମାର ସାମଲ)**

ଅନୁଗୋଳରେ ସ୍ଥାପନ ହୋଇଥିବା ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ ବ୍ଲାକ ଡାଇମଣ୍ଡର ଦିନକୁ ଦିନ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ସୋମବାରଠାରୁ ଅନ୍‌ଲାଇନ ବୁକିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ସ୍ଥାନୀୟ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରଠାରେ ଏହି ବ୍ୟବସ୍ଥାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ସୂଚନା ବିଜ୍ଞାନ ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ ଏହି ଅନ୍‌ଲାଇନ ବୁକିଂ ପଞ୍ଜୀକରଣ ବ୍ୟବସ୍ଥା ଉପରେ ଜିଲାପାଳଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ଏହି ବ୍ୟବସ୍ଥାକୁ ଖୁବ୍‌କମ ସମୟ ମଧ୍ୟରେ ବିକଶିତ କରାଯାଇଥିବାରୁ ଜିଲାପାଳ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ଓ ଅନୁଗୋଳର ଅଧିକାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ପଞ୍ଜୀକରଣ କରିବା ପରେ ବ୍ଲାକ ଡାଇମଣ୍ଡକୁ ପ୍ରବେଶ ପାଇଁ ଟିକେଟ ବୁକିଂ କରିପାରିବେ। ଜଣେ ବ୍ୟକ୍ତି ପ୍ରତି ଘଣ୍ଟା ପାଇଁ ସର୍ବାଧିକ ୩୦ଟି ଟିକେଟ ବୁକିଂ କରିପାରିବେ। ଅନ୍‌ଲାଇନ ବୁକିଂ ପରେ ବୁକିଂ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ଓ ଇ-ମେଲରେ ବୁକିଂ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହେବ। ଏହି ବୁକିଂ ତଥ୍ୟକୁ ବ୍ଲାକ ଡାଇମଣ୍ଡର କାଉଣ୍ଟର ପାଖରେ ଦେଖାଇ ଉପଯୁକ୍ତ ଫି ପୈଠ କରି ପ୍ରବେଶ କରିପାରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ନିଜାରତ ଅଧିକାରୀ ଓ ଜିଲା ଖଣିଜ ପାଣ୍ଠିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ବ୍ଲାକ୍ ଡାଇମଣ୍ଡକୁ ପ୍ରବେଶ**

# ଗଣିତ, ବିଜ୍ଞାନ ଆବାସିକ କର୍ମଶାଳାରେ ଉତ୍କର୍ଷ ପ୍ରଦର୍ଶନ

**ଅନୁଗୋଳ,୧୧ (ଅମିତ କୁମାର ସାମଲ)**

ଆନ୍ଧ୍ରପ୍ରଦେଶର କୁପମ ଠାରେ ଥିବା ଅଗସ୍ତ୍ୟ ଆନ୍ତର୍ଜାତିକ ପ୍ରତିଷ୍ଠାନରେ ଗତ ୨୭ ତାରିଖରୁ ୪ଦିନ ଧରି ଗଣିତ ଓ ବିଜ୍ଞାନ ଆବାସିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଅନୁଗୋଳ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଉତ୍କର୍ଷ ପ୍ରଦର୍ଶନ କରିଥିଲେ। ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅନୁଗୋଳ ଜିଲା ଶିକ୍ଷାଧିକାରୀ ସୁସ୍ମିତା ସାହୁ ଏବଂ ଅନୁଗୋଳ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଣିତରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଡିବନ୍ଧର ହରିଶ୍ଚନ୍ଦ୍ର ବେହେରା, ଘଣ୍ଟପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ସୁଶ୍ରୀ କ୍ରିଷ୍ଣା ସୁତାର, ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ସାଉଥ ବଲଣ୍ଡାର ବିଷ୍ଣୁପ୍ରସାଦ ପଣ୍ଡା ଏବଂ ବିଜ୍ଞାନରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ବଡ଼ ଯୋରଡ଼ାର ମେରିଲିନ ସିଂ, ବଡ଼ କେରେଜାଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ ସାହୁ ଯୋଗଦେଇ ଗଣିତ ଓ ବିଜ୍ଞାନର ନୂତନ କୌଶଳମାନ ତଥା ବିଭିନ୍ନ ପ୍ରକାର ମଡେଲ ପ୍ରସ୍ତୁତି ସମ୍ବନ୍ଧରେ ଶିକ୍ଷା ଲାଭ କରିଥିଲେ। କର୍ମଶାଳାରେ ରମଣ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଏନ୍ ଉଦୟ ନାରାୟଣ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ନିଜ ଗବେଷଣା ଅନୁଭୂତି ବର୍ଣ୍ଣନା କରିବା ସହିତ ଛାତ୍ରୀଛାତ୍ରଙ୍କ ମନରେ କିପରି ବୈଜ୍ଞାନିକ ମନୋଭାବ ବୃଦ୍ଧି ହୋଇପାରିବ ସେ ନେଇ ଆଲୋଚନା କରିଥିଲେ।



# ସଡ଼କ ସୁରକ୍ଷା ସପ୍ତାହ ଶୁଭାରମ୍ଭ

**ଅନୁଗୋଳ,୧୧ (ଅମିତ କୁମାର ସାମଲ)**

ଜାନୁୟାରୀ ୧ରୁ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ଓ ପରିବାର ରକ୍ଷା ବାର୍ତ୍ତାକୁ ନେଇ ସଡ଼କ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଏକ ସଡ଼କ ସୁରକ୍ଷା ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଓ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଜିଲା କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ସଡ଼କ ସୁରକ୍ଷା ସଚେତନତା ଉପରେ ବାର୍ତ୍ତା ପ୍ରଚାର କରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା କମିଟି ସଦସ୍ୟ ସଂଗ୍ରାମ ରଞ୍ଜନ ଦାସ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଷ୍କଳ କୁମାର ପଟ୍ଟନାୟକଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ସଚେତନତା ବାର୍ତ୍ତାକୁ ନେଇ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।



ଅତିରିକ୍ତ ଜିଲାପାଳ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

# ଅଧିକ କ୍ରିୟାଶୀଳ କରିବାକୁ ପ୍ରସ୍ତାବ

**ଆଠମଲ୍ଲିକ,୧୧ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ସୂଚନା କେନ୍ଦ୍ର ପରିସରରେ ରବିବାର ସନ୍ଧ୍ୟାରେ ପଞ୍ଚଧାର ସାହିତ୍ୟ ସାଂସଦ ପକ୍ଷରୁ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସାହିତ୍ୟ ଚର୍ଚ୍ଚା ଓ ସଙ୍ଗୀତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚଧାର ସାହିତ୍ୟ ସାଂସଦ ସଭାପତି ତଥା ଅଧ୍ୟାପକ ବିବେକା ନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ସଂସଦ ଉପଦେଷ୍ଟା ତଥା ନାଟ୍ୟକାର ଚିତ୍ତରଞ୍ଜନ ତ୍ରିପାଠୀ, ଅନ୍ୟତମ ଅତିଥି ଭାବେ ଖବରଦାତା ଉଦୀପ୍ତ ପୁରୋହିତ ଯୋଗଦେଇ ପଞ୍ଚଧାର ସାହିତ୍ୟ ସଂସଦକୁ ଅଧିକ କ୍ରିୟାଶୀଳ କରି ଯୁବ ସମାଜକୁ ସାହିତ୍ୟ ପ୍ରତି ଆକୃଷ୍ଟ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ରଖିଥିଲେ। କଣ୍ଠଶିଳ୍ପୀ ଶ୍ରୁତି ସମ୍ପନା ଦାସ, ମନ୍ମଥ ଭୁରଭୁରି, ଶିକ୍ଷାବିତ୍ ପରମେଶ୍ୱର ପାତ୍ର, ବିକ୍ରମ ରଣଭଇଁସା, କଳିଙ୍ଗ ବେହେରାମାଳୀ କାଳିଦାସ କୁମ୍ଭାର, ସର୍ବେଶ୍ୱର ପିବଲା, ଭୁବନ ତ୍ରିପାଠୀ, ବିଭୂତି ରଥ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପଞ୍ଚାନନ ଗାଇଗାରିଆ ଦଣ୍ଡଗୀତ ଗାନ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଶ୍ରୁତି ସମ୍ପନା ଦାସ ଓ ଚିତ୍ରକଳାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରସ୍କୃତ ଅଭିଳାଷ ସ୍ୱାଇଁଙ୍କୁ ସାହିତ୍ୟ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସାହିତ୍ୟ ସଂସଦ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଜୟନାରାୟଣ ଦାସ, ସଭ୍ୟା ପ୍ରେମଲତା ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଆଭାସ କୁମାର କ୍ଷେତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଦ୍ୟକାର ଶ୍ରୀଧର ମହାନ୍ତି, ଟୁକୁନୁ ବେହେରା, ମାନସ ପ୍ରଧାନ ସହଯୋଗ କରିଥିଲେ। ସଦାଶିବ ଦଳବେହେରା ଧନ୍ୟବାଦ ଦେଇଥିଲେ।



ପଞ୍ଚଧାର ସାହିତ୍ୟ ସାଂସଦ ପକ୍ଷରୁ ସାରସ୍ୱତ ସମାରୋହ ଅବସରରେ ଅତିଥିମାନଙ୍କ ସହ ଅନ୍ୟମାନେ।

# ପରିଶ୍ରମ କରି ଭଲ ମଣିଷ ହୁଅ

**କଣିହାଁ,୧୧ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ପବିତ୍ରନଗର ଡିଗ୍ରୀ କଲେଜରେ ଚାଲିଥିବା ନୂଆ-ଓ ତଥା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ମୁଖ୍ୟବକ୍ତା ଭାବେ ନବୀନ ଓଡ଼ିଶାର ଜିଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ନୋଡାଲ ଅଫିସର ଅଧ୍ୟାପକ ସନ୍ତୋଷ ସାହୁ, ସାମାଜିକ କର୍ମୀ ରଘୁନନ୍ଦନ ଆଚାର୍ଯ୍ୟ, ଯୁଗଳ କିଶୋର ସାହୁ ମଞ୍ଚାସୀନ ଥିଲେ। ପରିଶ୍ରମ କରି ଭଲ ମଣିଷ ହେବା ପାଇଁ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ପ୍ରତିଭାରାଣୀ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ବୈଜୟନ୍ତୀ ନାୟକ ପରିଚାଳନା କରିଥିଲେ। ଏଥିରେ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ତାଙ୍କର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ। ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ପାରମ୍ପରିକ ପିଠା ସ୍ୱତନ୍ତ୍ର ଷ୍ଟଲରେ ପ୍ରଦର୍ଶିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# 'ନୂଆ ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କଣିହାଁ,୧୧ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଉଦ୍‌ଯାପନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ଟି ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ସଭାପତି ଜଗମୋହନ ପ୍ରଧାନ, ମୁଖ୍ୟବକ୍ତା ଭାବେ ବୁଢ଼ାପାଳ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦିକା ଇନ୍ଦିରା ପ୍ରଧାନ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଭଗବାନ ସାହୁ, ଅଧ୍ୟାପକ ବସନ୍ତ ପାଣି ଓ ଇନ୍ଦ୍ରମଣି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ନିରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଜେଏସ୍‌ପି ଶ୍ରମିକ ବିହାରରେ ନବବର୍ଷ ପାଳିତ

**ଅନୁଗୋଳ,୧୧ (ଅମିତ କୁମାର ସାମଲ)**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଅନୁଗୋଳଠାରେ ଥିବା ଶ୍ରମିକ ବିହାରରେ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ସହସ୍ରାଧିକ ସଂଖ୍ୟାରେ ଶ୍ରମଜୀବୀ ଏବଂ କର୍ମଚାରୀ ଏକ ଚିତ୍ତାକର୍ଷକ ମ୍ୟୁଜିକାଲ ନାଇଟ୍‌ରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ, ନିର୍ବାହୀ ନିର୍ଦ୍ଦେଶକ ଆଇରନ ଜୋନ ଦାମୋଦର ମିତ୍ତଲ, ସିଏଚ୍‌ଆର୍‌ଓ ଅନୁଗୋଳ ଶୁଭଦୀପ ଖାନଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟ ଯୋଗଦେବା ସହ ଶ୍ରମଜୀବୀ ଏବଂ କର୍ମଚାରୀଙ୍କ ସହ ଏହି ସାଂସ୍କୃତିକ ସନ୍ଧ୍ୟାକୁ ଉପଭୋଗ କରିଥିଲେ। ଏହି ଅବସରରେ ୨୫୦ ଶ୍ରମଜୀବୀଙ୍କୁ ୨୦୨୩ ମସିହାରେ ସେମାନଙ୍କ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ସମ୍ବର୍ଦ୍ଧିତ କରଯାଇଥିଲା। ଉପସ୍ଥିତ ଶ୍ରମଜୀବୀ ଏବଂ କର୍ମଚାରୀଙ୍କୁ ଜେଏସ୍‌ପି ଅଧିକାରୀମାନେ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସୁଖସମୃଦ୍ଧି ତଥା ନିରାପତ୍ତା କାମନା କରିଥିଲେ। ୫ହଜାରରୁ ଅଧିକ ଶ୍ରମିକବିହାର ନିବାସୀ, କର୍ମଚାରୀ ତଥା ପାର୍ଶ୍ୱବର୍ତ୍ତୀ ଗ୍ରାମର ଅଧିବାସୀ ଏହି ସାଂସ୍କୃତିକ ସନ୍ଧ୍ୟାକୁ ଉପଭୋଗ କରିବା ସହ ଆଗାମୀ ନବବର୍ଷ – ୨୦୨୪ର ଶୁଭେଚ୍ଛା ଆଦାନ ପ୍ରଦାନ କରିଥିଲେ। ବିଜନେସ୍ ଏଚ୍‌ଆର୍ ମୁଖ୍ୟ ଶରତ କିଶୋର ପଣ୍ଡା ଧନ୍ୟବାଦ ପ୍ରଦାନ କରିବା ସହ ସମସ୍ତ ଅତିଥି, କାର୍ଯ୍ୟକ୍ରମ ପରିଚାଳନା କମିଟି ଏବଂ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏହି ସଫଳ ଆୟୋଜନ ନିମନ୍ତେ ଗଭୀର କୃତଜ୍ଞତା ଜଣାଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

# ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ



**ତାଳଚେର,୧୧ (ମନୋଜ ନନ୍ଦ)**

ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡସ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାରର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ବୁର୍ଲାର ଟେକ୍ନିକାଲ (ଅପରେଶନ) ନିର୍ଦ୍ଦେଶକ ଯୁଗଳ କୁମାର ବୋରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭି ପବ୍ଲିକ ସ୍କୁଲ ସମୂହ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ କେଶବ ଚନ୍ଦ୍ର ଶତପଥୀ, ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏ.କେ. ଧଳ, ଡିଏଭି ସ୍କୁଲ ସମୂହ ଓଡ଼ିଶାର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ଯୋଗଦାନ କରିଥିଲେ। ଏଥିସହିତ ଏମ୍‌ସିଏଲ୍ ଭରତପୁର କ୍ଷେତ୍ରର ମହାପ୍ରବନ୍ଧକ ଦିବ୍ୟରଞ୍ଜନ ଲି, ଏମ୍‌ସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ବୁର୍ଲାର ସେଲ୍ସ ଓ ମାର୍କେଟିଂ ମହାପ୍ରବନ୍ଧକ ଏ.କେ. ଲାକ୍ରା, ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ (ପର୍ସନାଲ) ବିରଞ୍ଚି ଦାସ, ମହାପ୍ରବନ୍ଧକ (ଫାଇନାନ୍ସ) ଏ.କେ. ରାୟ, ଅନନ୍ତ ଓସିପି ପ୍ରକଳ୍ପ ଅଧିକାରୀ ଅଜୟ କୁମାର ସିଂହ, ଜଗନ୍ନାଥ କ୍ଷେତ୍ର ଷ୍ଟାଫ ଅଫିସର (ମେଣ୍ଟେନାନ୍ସ) ଜୟପ୍ରକାଶ, ଷ୍ଟାଫ ଅଫିସର (ସିଭିଲ) ଏ. ତୀର୍ଥମଲାଇ, ଡିଏଭି ସ୍କୁଲ ସମୂହ ଉପଆଞ୍ଚଳିକ ଅଧିକାରୀ ଡ. ସୁଜାତା ସାହୁ, ଉପଆଞ୍ଚଳିକ ଅଧିକାରୀ ସୁରେନ୍ଦ୍ର କୁମାର ଭୋଇ, ଉପ ଆଞ୍ଚଳିକ ଅଧିକାରୀ ଈପ୍ସିତା ଦାଶ, କ୍ଲଷ୍ଟର ମୁଖ୍ୟ ରଶ୍ମି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ରର ଅନନ୍ୟା ମହିଳା ମଣ୍ଡଳ ଅଧ୍ୟକ୍ଷା ସୁସ୍ମିତା ଧଳଙ୍କ ସମେତ ଡି.ଏନ. ମିଶ୍ର, ବିପିନ କୁମାର ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ଲକ୍ଷ୍ମୀକାନ୍ତ ଦେବତା, ସଞ୍ଜୀବ ସାହୁ, ଶୁକ୍ଳା ଚକ୍ରବର୍ତ୍ତୀ, ସମୀର କୁମାର କାନୁନ୍‌ଗୋ, ଶୁଭେନ୍ଦୁ ଶେଖର ବୋଷ, ଫକୀର ମୋହନ ସାହୁ, ସବିତା ପୂଜାରୀ, ସଞ୍ଜୁକ୍ତା ପୃଷ୍ଟି, ବିନୋଦିନୀ ଦାଶ, ପ୍ରଭାକର ମହାନ୍ତି, ମାନସ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଫାଟକ ଉଦ୍‌ଘାଟନ କରାଯାଇଥିଲା। ଡାକ ବିଭାଗ ଦ୍ୱାରା ବିଦ୍ୟାଳୟର ଏକ ଲଫାପା ଉନ୍ମୋଚନ କରାଯାଇଥିଲ। ସଂସ୍କୃତ ଶିକ୍ଷକ ରବି ନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଏକ ଲଘୁ ନାଟକ ପରିବେଷଣ କରାଯାଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ କରୁଣାକର ସାହୁ, ଶିକ୍ଷୟିତ୍ରୀ ଜ୍ୟୋତି ଜିନ୍ଦଲ, ପ୍ରତ୍ୟୁଷା ଅମାନ୍ତ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।



ନବବର୍ଷ ଅବସରରେ ସୋମବାର ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଛି।



ମା' ବୁଢ଼ୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଚାଲିଛି। (ଫଟୋ– ବୁବୁ)

# ମହାସଂଘ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ

■ପ୍ରଥମ ଦିନରେ ଧାନ କ୍ରୟ ନ କରି ଫେରିଲେ ମିଲର

■ଚାଷୀ ମହଲରେ ଅସନ୍ତୋଷ

**କାମାକ୍ଷାନଗର,୧।୧(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ କଙ୍କଡାହାଡ଼ ମା' ଖଣ୍ଡୁରୀ ପୀଠଠାରେ ଥିବା ଯାତ୍ରା ପଡିଆଠାରେ ଖରିଫ ବର୍ଷ ୨୩–୨୪ ପାଇଁ ବ୍ଲକସ୍ତରୀୟ ମହାସଂଘ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଙ୍କଡ଼ହାଡ଼ ବ୍ଲକ ଅଧ୍ୟକ୍ଷ ଚାରୁଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁ, ବିଡିଓ ଯଶୋବନ୍ତ ଦେହୁରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, କଙ୍କଡ଼ହାଡ଼ କୃଷି ସମବାୟ ସମିତି ସଭାପତି ପ୍ରକାଶ ବିଶ୍ୱାଳ, ମହାସଂଘ ସଭାପତି ଦ୍ରୌପଦୀ ମହାନ୍ତ, ବ୍ଲକ ପ୍ରଜେକ୍ଟ କୋଅର୍ଡିନେଟର ଅନ୍ନପୂର୍ଣ୍ଣା ସାହୁ ଓ ସମସ୍ତ ସ୍ଥାନୀୟ ୩ ପଞ୍ଚାୟତ କଣ୍ଟାପାଳ, କାନ୍ଥୁଲ, କରଗୋଳା ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ମିଲର ୪ ଜଣ ଚାଷୀଙ୍କଠାରୁ ୧୬୫ କୁଇଣ୍ଟାଲ ଧାନ କ୍ରୟ ଧାର୍ଯ୍ୟ କରିବାର ଟୋକନ ଦେଇଥିଲେ। କିନ୍ତୁ ପରିତାପର ବିଷୟ ମିଲରଙ୍କ ମନମୁଖୀ କଟ୍‌ନୀ ଛଟନୀକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ଧାନ ବିକ୍ରି କରିବା ପାଇଁ ଦେଇ ନ ଥିଲେ। ଫଳରେ ମିଲର ଧାନ କ୍ରୟ ନ କରି ଫେରି ଯାଇଥିଲେ। ଆଦ୍ରତା(ମଏଶ୍ଚର) ଆଳ ଦେଖାଇ ମିଲର କୁଇଣ୍ଟାଲ ପ୍ରତି ୫ ରୁ ୮ କିଲୋ ଧାନ କାଟି କ୍ରୟ କରିବାରୁ ଚାଷୀମାନେ ଏହାର ବିରୋଧ କରିଥିବା ଜଣେ ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ କଙ୍କଡାହାଡ଼ ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ଅନ୍ନପୂର୍ଣ୍ଣା ସାହୁ କହିଛନ୍ତି, ମଙ୍ଗଳବାର ସମସ୍ତ ମିଲରଙ୍କୁ ବ୍ଲକ କାର୍ଯ୍ୟାଳୟ ଡକାଯିବ। ବିଡିଓଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ।



ଧାନ କ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି।

# ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

**ଅନୁଗୋଳ,୧।୧(ଅମିତ କୁମାର ସାମଲ)**

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ୩ ନମ୍ବର ଜୋନ୍ ଅନ୍ତର୍ଗତ ଖଲାରୀ ମଣ୍ଡଳ ବଳାସିଂଘା ପଞ୍ଚାୟତ ବଳାସିଂଘା ଗ୍ରାମର ପୁରୁଖା ବିଜେଡି ଓ କଂଗ୍ରେସ ନେତା, କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବିଜେଡି ଓ କଂଗ୍ରେସ ଛାଡି ଏହି ନେତା, କର୍ମୀମାନେ ସ୍ଥାନୀୟ ମିଶ୍ରପଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ଉପସ୍ଥିତ ରହି ଦଳରେ ଯୋଗଦାନ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି ଅମୀୟ ତ୍ରିପାଠୀ, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଦୁଃଖବନ୍ଧୁ ସାହୁ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ବଳସିଂଘା ପଞ୍ଚାୟତ ସଭାପତି ମନୋଜ ସାହୁ, ପ୍ରତାପ ଦେହୁରୀ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମୀଙ୍କୁ ଦଳକୁ ସ୍ୱାଗତ ଜଣାଇଥିଲେ। ବଳାସିଂଘା ଗ୍ରାମର ଶ୍ରୀପତି ପ୍ରଧାନ, ସାନୁ ଦାସ, ଆଦିତ୍ୟ ସାହୁ, ଗୁନା ଗୋଚ୍ଛାୟତ, ମହେଶ୍ୱର ପ୍ରଧାନ, ଯୁଧିଷ୍ଠିରର ସାହୁ, ରଞ୍ଜିତ ପ୍ରଧାନ ଓ ଅଶୋକ ସାହୁଙ୍କ ସମେତ ବଳାସିଂଘା ଗ୍ରାମର ବହୁ କର୍ମୀ ଉପସ୍ଥିତ ଥିଲେ।



ଭାଜପା ନେତାଙ୍କ ସହ ନୂଆକରି ଦଳରେ ସାମିଲ ହୋଇଥିବା କର୍ମୀମାନେ।

# ଅଶୋକ କଣିହାଁ ଏନ୍‌ଟିପିସି ପ୍ରକଳ୍ପ ମୁଖ୍ୟ



**କଣିହାଁ,୧।୧(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ଏନ୍‌ଟିପିସି ପ୍ରକଳ୍ପ ମୁଖ୍ୟ ଭାବେ ସୋମବାର ଅଶୋକ କୁମାର ସେହେଗଲ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନ୍.ଏସ୍ ରାଓଙ୍କ ଏନ୍‌ଟିପିସି ନର୍ଦ୍ଦନ ରିଜିଅନ ହେଡ୍‌କ୍ୱାର୍ଟର୍ସ ଲକ୍ଷ୍ନୌକୁ ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆର୍‌ଇଡି) ଭାବେ ବଦଳି ହୋଇଛି। ଅଶୋକ ୧୯୮୯ ମସିହାରେ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷକ ଭାବେ ଏନ୍‌ଏସ୍‌ପିସିଏଲ ଦୁର୍ଗାପୁରସ୍ଥିତ ଏନ୍‌ଟିପିସିରେ ଯୋଗ ଦେଇଥିଲେ। ଏହାପରେ ସେ ବିଭିନ୍ନ ରାଜ୍ୟରେ ଥିବା ଏନ୍‌ଟିପିସିରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିଲେ। ସେ ଅଗଷ୍ଟ ୨୦୨୨ରେ କଣିହାଁ ଏନ୍‌ଟିପିସିରେ ଯୋଗଦେଇଥିଲେ। ପରେ ନଭେମ୍ବର ୨୦୨୨ରେ ଜେନେରାଲ ମ୍ୟାନେଜର(ଓଆଣ୍ଡଏମ୍) ଭାବେ ପଦୋନ୍ନତି ପାଇଥିଲେ। ସେହେଗଲ ଆଇଆଇଟିଦିଲ୍ଲୀରୁ ପାୱାର ଇଞ୍ଜିନିୟରିଂରେ ଏମ୍‌ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି।

# ଶ୍ରୀଜଗନ୍ନାଥ କ୍ରିକେଟ୍ : କଳମଛୁଇଁ ଚାମ୍ପିୟନ




ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**କଣିହାଁ,୧।୧(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ବଡଗୁଣ୍ଡୁରୀ ଗ୍ରାମ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ଶ୍ରୀଜଗନ୍ନାଥ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ତାଳଚେର ବ୍ଲକ ଗୋପାଳପ୍ରସାଦ ଓ କଳମଛୁଇଁ ମଧ୍ୟରେ ଖେଳାଯାଇଥିଲା। ଏଥିରେ କଳମଛୁଇଁ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଏନ୍‌ଟିପିସି ପ୍ରକଳ୍ପ ଏଜିଏମ୍ ସୁରେଶ କୁମାର ବେହେରା, ସରପଞ୍ଚ ସସ୍ମିତା ଦଳେଇ, ପ୍ରାକ୍ତନ ସରପଞ୍ଚ ଲୋକନାଥ ସାହୁ, ଭାଜପା ଯୁବନେତା ଦେବେନ୍ଦ୍ର ବାରିକ, ସାମାଜିକ କର୍ମୀ ରଘୁନାଥ ବେହେରା ପ୍ରମୁଖ ଯୋଗ ଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବରୁଣ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ରଘୁରାଜ ମ୍ୟାନ୍ ଅଫ ଦି ସିରିଜ ବିବେଚିତ ହୋଇଥିଲେ। କ୍ଲବ ସଭାପତି ସୁମନ୍ତ ପ୍ରଧାନଙ୍କ ସହିତ କାର୍ଯ୍ୟକର୍ତ୍ତା ମନୋଜ ସାହୁ, ବାଦଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମନ୍ଦିର ନବୀକରଣ କାର୍ଯ୍ୟ ଶୁଭାରମ୍ଭ

**ଛେଣ୍ଡିପଦା୧।୧(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ସଦର ମହାକୁମାରେ ଥିବା ଜଗନ୍ନାଥ ମନ୍ଦିରର ନବୀକରଣ କାର୍ଯ୍ୟ ସୋମବାର ଶୁଭାରମ୍ଭ ହୋଇଛି। ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ଜଗନ୍ନାଥ ମନ୍ଦିରର ନବୀକରଣ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ, ଛେଣ୍ଡିପଦା ମହୋତ୍ସବ ଚାଲିଥିବାବେଳେ ଛେଣ୍ଡିପଦା ବିକାଶ ସମିତି ପକ୍ଷରୁ ଜଗନ୍ନାଥ ମନ୍ଦିରର ସମସ୍ୟା ସମ୍ପର୍କରେ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କୁ ଅବଗତ କରାଯାଇଥିଲା। ପରେ ବିଧାୟକ ମନ୍ଦିରକୁ ଯାଇ ମନ୍ଦିର ବେଢ଼ା ପରିକ୍ରମା କରିବା ସହ ମନ୍ଦିର କମିଟି ସଭାପତି ଲମ୍ବୋଦର ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ। ମହୋତ୍ସବର ଉଦ୍‌ଯାପନୀ ଦିବସରେ ବିଧାୟକ ମନ୍ଦିରର ନବୀକରଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଏହି ଅନୁଦାନ ଘୋଷଣା ପରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ନବୀକରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ।



ମନ୍ଦିର ବେଢ଼ା ପରିକ୍ରମା କରୁଛନ୍ତି ବିଧାୟକ।

# ହାତୀପଲ ଉପଦ୍ରବ, ଫସଲ ନଷ୍ଟ

**ଭୁବନ,୧।୧(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ଗବଗୋଡା ଅଞ୍ଚଳରେ ପଶି ହାତୀପଲ ଧାନ ଫସଲ ନଷ୍ଟ କରିଛନ୍ତି। ଆଖପାଖ ଅଞ୍ଚଳର ଲୋକେ ଖଳାରେ ରଖିଥିବା ଧାନକୁ ଖାଇବା ସହ ନଷ୍ଟ କରିଦେଇଛନ୍ତି। ଏବେ ହାତୀପଲ ବାଲିଝାଟି ସଂରକ୍ଷିତ ଜଙ୍ଗଲରେ ଅଛନ୍ତି। ଭୁବନ ବନ କର୍ମଚାରୀ ହାତୀପଲଙ୍କୁ ଘଉଡାଇବାକୁ ଉଦ୍ୟମ ଚଳାଇଛନ୍ତି। ଏ ନେଇ ରେଞ୍ଜର ରାକେଶ କୁମାର ଦଳେଇ କହିଛନ୍ତି, ହାତୀପଲଙ୍କୁ ବ୍ରାହ୍ମଣୀ ନଦୀ ପାର କରାଯିବାକୁ ଉଦ୍ୟମ ହେଉଚି। ଫସଲ କ୍ଷତିଗ୍ରସ୍ତ ନେଇ ଅଧିକାରୀଙ୍କୁ ଅବଗତ କରାଯିବ।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ବଇଣ୍ଡା,୧।୧(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଇଚ୍ଛାପୂର ଗ୍ରାମର ପପୁ ଦେହୁରୀ ବିଷ ପିଇ ରବିବାର ଆତ୍ମହତ୍ୟା କରିଛନ୍ତି। ହଣ୍ଡପା ପୋଲିସ ତାଙ୍କ ମୃତଦେହ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବତ କରି ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ନଂ. ୦୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ କହିଛି, ପପୁ ପାରିବାରିକ କଳହକୁ ନେଇ ରବିବାର ସନ୍ଧ୍ୟାରେ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଦୁର୍ଘଟଣାରେ ଜଣେ ମୃତ

**ବଇଣ୍ଡା,୧।୧(ପରିକ୍ଷିତ ସାହୁ)**

ବଇଣ୍ଡା–ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ ଥାନା କମାରସାହି ନିକଟରେ ରବିବାର ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବଡବର ଗ୍ରାମର ଲିପୁ ବାରିକ (୨୮)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ଲିପୁ ତାଙ୍କ ସ୍କୁଟିରେ ଠାକୁରଗଡ଼ ଅଞ୍ଚଳରୁ ବଡ଼ବର ଅଞ୍ଚଳକୁ ଆସୁଥିବାବେଳେ କମାର ସାହିଠାରେ ଏକ ଲୁହା ବାଡାରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ନଂ. ୧/୨୪ ରେ ଏକ ମାମଲା ରୁଜୁ କରିଛି।

# ଗରିବଙ୍କ ପାଇଁ ଆମ୍ବୁଲାନ୍ସ ସେବା ଲୋକାର୍ପିତ

**ବଇଣ୍ଡା,୧।୧(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡାଠାରେ ଏକ ଆମ୍ବୁଲାନ୍ସ ସେବା ନୂତନବର୍ଷ ଅବସରରେ ସୋମବାର ଲୋକାର୍ପଣ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ରଣଜିତ୍ ପଟ୍ଟନାୟକ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଅନ୍ୟତମ ଭାବେ ବିଶ୍ୱଜିତ୍ ପଟ୍ଟନାୟକ, ସରୋଜ ପ୍ରଧାନ, ସର୍ବେଶ୍ୱର ସାହୁ, ସୁନୀଲ ବେହେରା, ଅବନୀ ବଡମାଳୀ, ଭାଲୁଆ ମହାପାତ୍ରଙ୍କ ସମେତ ଯୁବକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ବଇଣ୍ଡା ଅଞ୍ଚଳରେ କିଛିଦିନ ତଳେ ଟ୍ରେନରୁ ଖସିପଡି ଅନୁଗୋଳ ଅଞ୍ଚଳର ଜଣେ ଯୁବକଙ୍କ ଗୋଡ଼ କଟିଥିବାବେଳେ ତାଙ୍କୁ ଆମ୍ବୁଲାନ୍ସ ସେବା ମିଳି ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଉକ୍ତ ଆମ୍ବୁଲାନ୍ସ ବଡହୁଲା ଅଞ୍ଚଳରେ ଅଚଳ ହୋଇ ପଡିଥିବାବେଳେ ଯୁବକ ସଂଘ ପକ୍ଷରୁ ଏହାକୁ ମରାମତି କରି କାର୍ଯ୍ୟକ୍ଷମ କରାଯାଇଛି। ଏହି ଆମ୍ବୁଲାନ୍ସରେ ଗରିବ ଅସହାୟ ଲୋକଙ୍କୁ ମାଗଣା ସେବା ଯୋଗାଇ ଦିଆଯିବ ବୋଲି ଯୁବକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




# ଦରଦୀ ମଣିଷ ଥିଲେ ସଦାନନ୍ଦ

**ସାତମାଇଲ,୧।୧(ସୁଶାନ୍ତ ପତି)**



ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଦୁଦୁରୁକୋଟସ୍ଥିତ ମା' ରାମଚଣ୍ଡୀ ଶକ୍ତିପୀଠ ପ୍ରାଙ୍ଗଣରେ ସୋମବାର ସଦାନନ୍ଦ ସାହିତ୍ୟ ସଂସ୍କୃତି ସଂସଦ ଆନୁକୂଲ୍ୟରେ ସଦାନନ୍ଦ ଗଡନାୟକଙ୍କ ଶ୍ରାଦ୍ଧ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ରତିକାନ୍ତ ଗଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଢେଙ୍କାନାଳ ପାଇକ ମହାସଂଘ ସଭାପତି ରାଜୀବ ଲୋଚନ ସିଂହଦେଓ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ଚୈତନ୍ୟ ସାହୁ, ଜନତା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ ମିଶ୍ର, ଶିକ୍ଷାବିତ୍ ଲକ୍ଷ୍ମୀଧର ମିଶ୍ର, ପଣ୍ଡିତ ରମେଶ ରଥ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଆସିଥିବା ୯ଟି ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ ଏବଂ ପାଇକ ଆଖଡାରେ ପାଇକ ସଂଘ ଯୋଗଦେଇ ବିଭିନ୍ନ ପ୍ରକାର ସମରକଳା ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ତାମଡା ଅଧ୍ୟକ୍ଷ ମୀନକେତନ ଅମାନ୍ତ, ବକ୍ତା ଭାବେ ଢେଙ୍କାନାଳ ଜିଲା କ୍ଷେତ୍ରୀୟ ଖଣ୍ଡାୟତ ପରିଷଦର ଆବାହକ ରାଜକିଶୋର ବେହେରା, ସମ୍ମାନିତ ଅତିଥି ଭାବେ ଅନୁଗୋଳ ପାଇକ ମହାସଂଘ ସଭାପତି ସୁବୋଧ କୁମାର ସିଂ, କଳିଙ୍ଗ ପାଇକ ସମାଜ ସାଧାରଣ ସମ୍ପାଦକ ରଞ୍ଜନ ବିଶୋଇ, କଳିଙ୍ଗ ପାଇକ ସମାଜ ଉପସଭାପତି କୁନା ଗଡନାୟକ, ପାଇକ ମହାସଂଘ କର୍ମକର୍ତ୍ତା ପୁରୁଷୋତ୍ତମ ସିଂ, ପ୍ରଫୁଲ ସିଂ, ହିନ୍ଦୋଳ ବରିଷ୍ଠ ନାଗରିକ ସଂଘ ସଭାପତି ଶ୍ରୀନିବାସ ମିଶ୍ର ଓ ସାମାଜିକ କର୍ମୀ ଦିବାକର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସଦାନନ୍ଦ ଗଡନାୟକଙ୍କ ଗୁଣାବଳୀ ଉପରେ ଆଲୋଚନା କରିଥିଲେ। ସଦାନନ୍ଦ ଜଣେ ଦରଦି ମଣିଷ ଭାବେ ବହୁ ଲୋକଙ୍କ ଅତି ପ୍ରିୟପାତ୍ର ଥିଲେ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ସ୍ଥାନୀୟ ପଡା ଗ୍ରାମର ଗାୟତ୍ରୀ ପରିବାର ଯୋଗଦେଇ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶଶିକାନ୍ତ ଗଡନାୟକଙ୍କ ତତ୍ତ୍ୱାବଧାନରେ ସାହିତ୍ୟ ସଂସଦର କର୍ମକର୍ତ୍ତା ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଉପଖଣ୍ଡର କିକ୍ ବକ୍ସିଂ, ସଂକୀର୍ତ୍ତନ, ସମାଜସେବା, କଳାକାର, ପାଇକଆଖଡା ଆଦି କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ବ୍ୟକ୍ତି ଡ. ପ୍ରମୋଦ ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବିମଳ ବିଶ୍ୱାଳ, ନିରୁପମା ମିଶ୍ର, ପ୍ରେମାନନ୍ଦ ପଟ୍ଟନାୟକ, ବିଭୁପ୍ରସାଦ ଶତପଥି ଓ ମିହିର ସାହୁ ପ୍ରମୁଖଙ୍କୁ ସଂସଦ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ହାପି ଗଡନାୟକ ଧନ୍ୟବାଦ ଦେଇଥିଲେ।

**ହାତୀ ଶାବକ ଜନ୍ମ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହର ନିକଟସ୍ଥ ସଦର ରେଞ୍ଜ୍ ବୋରାପଦା ଅଞ୍ଚଳରେ ଏକ ହାତୀ ଗତ ଦୁଇଦିନ ତଳେ ଏକ ଶାବକ ଜନ୍ମ ଦେଇଛି। ତେବେ ମାଈ ହାତୀ ନିକଟକୁ ଭୟରେ ବନ କର୍ମଚାରୀମାନେ ପଶିପାର ନ ଥିବାରୁ ଶାବକଟି ଅଣ୍ଡିରା କି ମାଈ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। କିନ୍ତୁ ହାତୀ ଛୁଆଟିର ସ୍ୱାସ୍ଥ୍ୟ ଭଲ ଥିବା ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ରଙ୍କ ସୂଚନାରୁ ଜଣାପଡିଛି। ବନ କର୍ମଚାରୀମାନେ ନବଜାତ ହାତୀ ଛୁଆ ଉପରେ ଦୃଷ୍ଟି ରଖିଛନ୍ତି ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

# ଆଧ୍ୟାତ୍ମିକ ଜ୍ଞାନ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା

ଢେଙ୍କାନାଳ,୧।୧(ରତନ ନାୟାର)

ଢେଙ୍କାନାଳ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠାନର କାର୍ଯ୍ୟାଳୟଠାରେ ଆଧ୍ୟାତ୍ମିକ ଜ୍ଞାନ ବିଷୟରେ କୁଇଜ୍ ପ୍ରତିଯୋଗିତା ଓ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରମପିତା ପରମାତ୍ମା ଶିବଙ୍କ ମୁରଲିପାଠ କରାଯାଇଥିଲା। ମୂଲ୍ୟବୋଧକୁ ବିଭିନ୍ନ କର୍ମ ମାଧ୍ୟମରେ ଆଣିବା ଆବଶ୍ୟକ ବୋଲି ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂତନବର୍ଷ ଅବସରରେ ଢେଙ୍କାନାଳ ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା, ଜିଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ସେହିପରି ଭଗବାନପୁର ସୁନ୍ଦରିଖାଲ ଜ୍ଞାନସୂର୍ଯ୍ୟ ଉପବନ ଠାରେ ଅନୁଷ୍ଠିତ ଗୀତା ପାଠଶାଳାରେ ଆଧ୍ୟାତ୍ମିକ ଜ୍ଞାନ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଲିନା, ରଶ୍ମି, ପ୍ରଭାତୀ, କୁନି, ବ୍ରହ୍ମାକୁମାର ଅଭୟ, ସୋମନାଥ, ପ୍ରଫୁଲ୍ଲ ଓ ପ୍ରତାପ ପ୍ରମୁଖ ଉପସ୍ଥିତ ରହି ସେବାକାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।



ଆଧ୍ୟାତ୍ମିକ ଜ୍ଞାନ ବିଷୟରେ କୁଇଜ୍ ପ୍ରତିଯୋଗିତା ଓ ସ୍ନେହ ମିଳନ କାର୍ଯ୍ୟକ୍ରମ।

# ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସୌରଶକ୍ତି ବ୍ୟବସ୍ଥା

- ଟାଉନଶିପ୍ ଷ୍ଟ୍ରିଟ୍‌ଲାଇଟ ଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଆଲୋକୀକରଣ ହେଲା
- ପରିବେଶ ଉପଯୋଗୀ ସହ କାର୍ବନ ନିର୍ଗମନ ହ୍ରାସ କରିବାକୁ ଲକ୍ଷ୍ୟ

ଢେଙ୍କାନାଳ,୧।୧(ରତନ ନାୟାର)



ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସୌରଶକ୍ତି ଦ୍ୱାରା ଆଲୋକୀକରଣ ବ୍ୟବସ୍ଥାର ଉଦ୍‌ଘାଟନ।


ଟାଟାଷ୍ଟିଲ ଓ ଜିଡି ମଲ୍ଟିଭେଞ୍ଚର୍ସ ସହଭାଗିତାରେ ଫ୍ଲାଏ ଆଶ୍ ୟୁନିଟ୍‌ର ଉଦ୍‌ଘାଟନ।

ପରିବେଶ ଉପଯୋଗୀ ଦୀର୍ଘସ୍ଥାୟିତ୍ୱ ପଦକ୍ଷେପ ପ୍ରତି ପ୍ରତିବଦ୍ଧତାର ଅଂଶସ୍ୱରୂପ ଢେଙ୍କାନାଳ ଜିଲା ନରେନ୍ଦ୍ରପୁର ଟାଟାଷ୍ଟିଲ ମେରାମଣ୍ଡଳୀ(ଟିଏସ୍‌ଏମ୍) ପକ୍ଷରୁ କମ୍ପାନୀର ଟାଉନଶିପ୍ ଓ ସ୍ପୋର୍ଟସ କମ୍ପ୍ଲେକ୍ସର ସମଗ୍ର ଷ୍ଟ୍ରିଟଲାଇଟ ସୌରଶକ୍ତି ଦ୍ୱାରା ଆଲୋକିତ କରାଯାଇଛି। ଟାଟାଷ୍ଟିଲ କର୍ପୋରେଟ ସର୍ଭିସେସ୍ ଉପସଭାପତି ଚାଣକ୍ୟ ଚୌଧୁରୀ ଏବଂ ଟାଟାଷ୍ଟିଲ ମେରାମଣ୍ଡଳୀ ଅପରେଶନ୍ସ(ଏନ୍‌ଏମ୍ ଓ ଗ୍ରାଫିନ) ଉପସଭାପତି ସୁବୋଧ ପାଣ୍ଡେ ପ୍ରମୁଖ ଯୋଗଦେଇ ଏହି ଆଲୋକକୀକରଣ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପର ମୁଖ୍ୟ ବୈଶିଷ୍ଟ୍ୟ ହେଲା ୧୫୮ଟି ଷ୍ଟ୍ରିଟ୍‌ଲାଇଟ୍। ଏଥିଯୋଗୁ ପାରମ୍ପରିକ ଶକ୍ତିରେ ବାର୍ଷିକ ୬୯.୨ ମେଗାୱାଟ୍ ଶକ୍ତି ସଞ୍ଚୟ ହେବ ଏବଂ କାର୍ବନ ନିର୍ଗମନରେ ବାର୍ଷିକ ୫୫.୩୬ ଟନ୍ ହ୍ରାସ ଘଟିବ। ସେହିପରି ଟାଉନଶିପ୍‌ରେ ଥିବା ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ବିଭିନ୍ନ ୱାର୍ଟରେ ୧୦୦ରୁ ଅଧିକ ଲାଇଟ୍ ଲାଗିଛି। ଫଳରେ ବାର୍ଷିକ ୧୫.୨ ମେଗାୱାଟ ପାରମ୍ପରିକ ଶକ୍ତି ସଞ୍ଚୟ ହୋଇପାରିବ। ବାର୍ଷିକ ୧୨.୦୮ ଟନ୍ କାର୍ବନ ନିର୍ଗମନରେ ହ୍ରାସ ଘଟିବ। ଦୀର୍ଘସ୍ଥାୟିତ୍ୱ ଯାତ୍ରାର ଏକ ଅଂଶସ୍ୱରୂପ ଟାଟାଷ୍ଟିଲ, ଜିଡି ମଲ୍ଟିଭେଞ୍ଚର୍ସ ସହ ସହଭାଗିତାର ହାତ ବଢାଇଛି। ଏହା ଟିଏସ୍‌ଏମ୍ ଦ୍ୱାରା ଉତ୍ପାଦିତ ଫ୍ଲାଏ ଆଶ୍‌ରୁ ଇଟା ଓ ପେଭର ତିଆରି କରିବା ପାଇଁ ମେରାମଣ୍ଡଳୀଠାରେ ଏକ ପ୍ଲାଣ୍ଟ ସ୍ଥାପନ କରିଛି। ଚାଣକ୍ୟ ଚୌଧୁରୀ ଓ ସୁବୋଧ ପାଣ୍ଡେଙ୍କ ସହ ଜିଡି ମଲ୍ଟିଭେଞ୍ଚର ଏମ୍‌ଡି ଅବିନାଶ ସାମଲ ଏବଂ ଏହି ଅଞ୍ଚଳର ବିଶିଷ୍ଟ ଉଦ୍ୟୋଗୀ ଗଙ୍ଗାଧର ସାମଲଙ୍କ ଉପସ୍ଥିତିରେ ଉକ୍ତ ପ୍ଲାଣ୍ଟକୁ ଉଦ୍‌ଘାଟନ କରାଯାଇଛି। ମାସିକ ୩ ହଜାର ଟନ୍ ଫ୍ଲାଏ ଆଶ୍ ବ୍ୟବହାର କରିବା ଏବଂ ୭ଲକ୍ଷ ୟୁନିଟ୍ ଇଟା ଓ ପେଭର ଉତ୍ପାଦନ କରିବାର କ୍ଷମତା ଥିବା ଏହି କାରଖାନା ସ୍ଥାନୀୟ ଅର୍ଥନୀତି ଓ ପରିବେଶ ସଂରକ୍ଷଣରେ ସକ୍ରିୟ ଯୋଗଦାନ ପ୍ରଦାନ କରିବ। ଏଥିପୂର୍ବରୁ ଟିଏସ୍‌ଏମ୍ ଏହାର କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଅକ୍ଷୟ ଶକ୍ତି ଉପରେ କ୍ରମାଗତ ଭାବରେ କର୍ଯ୍ୟ କରୁଛି। ଟିଏସ୍‌ଏମ୍ ଟାଉନଶିପ୍‌ର ଉଚ୍ଚକୋଠା ଓ ସର୍ଭିସ୍ ରୋଡ ଆଲୋକୀକରଣ ପାଇଁ ସୌରଶକ୍ତିର ବ୍ୟବହାର ଯୋଗୁ ବାର୍ଷିକ ପ୍ରାୟ ୪୨ଟନ୍ କାର୍ବନ ନର୍ଗମନ ହ୍ରାସ ପାଇଛି। ଏହି ସମସ୍ତ ପଦକ୍ଷେପ ଟିଏସ୍‌ଏମ୍ କଲୋନୀ ଅଞ୍ଚଳରୁ ସମୁଦାୟ ବାର୍ଷିକ ୧୦୦ ଟନ୍ ଅଧିକ କାର୍ବନ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ। ଏହାବ୍ୟତୀତ ଟିଏସ୍‌ଏମ୍ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କ ନିମନ୍ତେ ଦୀର୍ଘସ୍ଥାୟୀ ପଦକ୍ଷେପମାନ କମ୍ପାନୀର ସିଏସ୍‌ଆର ଶାଖା ଟିଏସ୍‌ଏଫ୍ ଦ୍ୱାରା ନିଆଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ ପ୍ଲାଣ୍ଟ ପାଖାପାଖି ୮ଟି ଗାଁରେ ସୌରଚାଳିତ ପାନୀୟଜଳ ଯୋଗାଣ ବ୍ୟବସ୍ଥା, ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଏବଂ ଓଡ଼ାପଡ଼ାର ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୂର୍ବରୁ ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା ସ୍ଥାପନ କରାଯାଇଛି।

# ଜଟିଆ କ୍ରିକେଟ କ୍ଲବ ଚାମ୍ପିୟନ

କାମାକ୍ଷାନଗର,୧।୧(ସୁଧୀର ପରିଡା)

କଙ୍କଡାହାଡ଼ ବ୍ଲକ କୁଟୁରିଆ ଗ୍ରାମ କପିଳେଶ୍ୱର ଖେଳ ପଡିଆଠାରେ ମା' ବିଲେଇଶୁଣି କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲଥିବା ୧୧ ତମ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ କେରଜୁଳି ଜଟିଆ କ୍ରିକେଟ୍ କ୍ଲବ ଓ ସିଂହଡା କ୍ରିକେଟ୍‌କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜଟିଆ କ୍ରିକେଟ କ୍ଲବ ବ୍ୟାଟିଂ କରି ୨୪୪ ରନ୍ କରିଥିଲା। ଜବାବରେ ସିଂହଡା କ୍ରିକେଟ କ୍ଲବ ୨୦୯ ରନ କରି ପରାଜିତ ହେଇଥିଲା। ସୁଦର୍ଶନ ସାହୁ, ପିଣ୍ଟୁ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ଅନୁପ ସାହୁ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ ଦେହୁରୀ, କୁଟୁରିଆ ସରପଞ୍ଚ ରଞ୍ଜିତ ସାହୁ, ସାମାଜିକ କର୍ମୀ ସୁଶୀଲ କୁମାର ସାହୁ ଯୋଗ ଦେଇଥିଲେ। ମା' ବିଲେଇଶୁଣି କ୍ରିକେଟ କ୍ଲବ ସଭାପତି ଶାନ୍ତନୁ ସାହୁ, ସମ୍ପାଦକ ପିଣ୍ଟୁ ବିଶ୍ୱାଳ, ସଦସ୍ୟ ଚନ୍ଦନ ସାହୁ, ବିରେନ ସାହୁ, ରିଙ୍କୁ ସାହୁ, ଅନୁପ ସାହୁ ସହଯୋଗ କରିଥିଲେ।



# ଗଦାଶିଳା ସେକ୍ସନରେ ୪୦ ହାତୀ

ଢେଙ୍କାନାଳ,୧।୧ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ଗଦାଶିଳା ସେକ୍ସନରେ ୪୦ ହାତୀଙ୍କ ଉପଦ୍ରବ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛି। ଏହି ହାତୀପଲ ବ୍ରାହ୍ମଣୀ ନଦୀ ଡେଇଁ ମଠରଗଡି ଜଙ୍ଗଲକୁ ଆସି ସେଠାରୁ ଏଠାକୁ ଆସିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ହାତୀପଲ ବିଭିନ୍ନ ପ୍ରକାର ପନିପରିବା ଫସଲ ନଷ୍ଟ କରୁଥିବା ଏବଂ ଜନବସତି ଅଞ୍ଚଳରେ ବୁଲୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇରହିଛନ୍ତି। ଖବରପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀପଲ ଉପରେ ନଜର ରଖିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ




ପରଜଙ୍ଗ,୧।୧ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ଆଇୱାଇଡିପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶିଶିର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡ. ନୃସିଂହଚରଣ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲା ସାଧାରଣ ସମ୍ପାଦକ ଗୌତମ ପାଣି ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରସିଦ୍ଧ ନାଧରା ମକରମେଳା ପ୍ରସ୍ତୁତି

ଢେଙ୍କାନାଳ,୧।୧(ରତନ ନାୟାର)

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ନାଧରା ମା' ରାମଚଣ୍ଡୀଙ୍କ ବିଜେସ୍ଥଳୀ ଓ ଶ୍ରୀଶ୍ରୀ କନକେଶ୍ୱର ମହାଦେବଙ୍କ ବିଜେସ୍ଥଳୀରେ ଆସନ୍ତା ଜାନୁୟାରୀ ୧୫ରୁ ମକର ସଂକ୍ରାନ୍ତି ଦିନଠାରୁ ୪ଦିନ ବ୍ୟାପୀ ମକରମେଳା ଅନୁଷ୍ଠିତ ହେବ। ଏଥିସହିତ ଆସନ୍ତା ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ମା' ରାମଚଣ୍ଡୀଙ୍କ ପୀଠରେ ଶ୍ରୀବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ ମଧ୍ୟ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ବିଜେସ୍ଥଳୀ ଓ ଯାତ୍ରା ପଡିଆରେ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ ଗମନାଗମନ, ଠାକୁର ଦର୍ଶନ, ପ୍ରସାଦ ସେବନ, ସ୍ୱାସ୍ଥ୍ୟ ସେବା ସୁଚାରୁରୂପେ ସମ୍ପାଦନ ପାଇଁ ଗତ ୩୦ ତାରିଖରେ ମା' ରାମଚଣ୍ଡୀଙ୍କ ବିଜେସ୍ଥଳୀ ବୈଠକ ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୫୫ନଂ ଜାତୀୟ ରାଜପଥ ନାଧରା ଛକଠାରୁ ମନ୍ଦିର ଓ ଯାତ୍ରା ପଡ଼ିଆ ଦେଇ ଶରଣ ଶ୍ରୀକ୍ଷେତ୍ର, ଏକଘରିଆ ଓ ଗୁଡିଆକାଟେଣୀ ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦୂର କରିବା, ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପାନୀୟଜଳ ଯୋଗାଣ, ସନ୍ଧ୍ୟା ସମୟରେ ରାସ୍ତା ଓ ଯାତ୍ରା ପଡିଆର ଆଲୋକୀକରଣ, ଯାନବାହାନ ପାର୍କିଂ, ଅସ୍ଥାୟୀ ଟାଏଲେଟ୍, ଖାଦ୍ୟ ସୁରକ୍ଷା ଓ ବ୍ରାହ୍ମଣୀ ନଦୀରେ ସୁରକ୍ଷିତ ଭାବେ ଯାତାୟାତ କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ପିଠକୁ ପ୍ଲାଷ୍ଟିକ ଓ ପଲିଥିନ ନିଷେଧ କରାଯାଇଥିଲା। ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ାପଡ଼ା ତହସିଲଦାର ମହେଶ୍ୱର ବେହେରା, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ, ନାଧରା ସରପଞ୍ଚ ମନସ୍ୱିନୀ ପୃଷ୍ଟି, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଉଭୟ ପୀଠସ୍ଥଳୀ, ଯଜ୍ଞସ୍ଥଳ, ନଦୀକୂଳ ଓ ଯାତ୍ରାପଡ଼ିଆ ଆଦି ବୁଲି ଦେଖିଥିଲେ।


ପ୍ରସିଦ୍ଧ ନାଧରା ମକରମେଳା ପାଇଁ ପ୍ରସ୍ତୁତି ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ବିଶ୍ୱଭାରତୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ପରଜଙ୍ଗ,୧।୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ତଳବେରଣା ଷ୍ଟାଡିୟମ୍‌ଠାରେ ଚାଲିଥିବା ବିଶ୍ୱଭାରତୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ପରଜଙ୍ଗ କ୍ରିକେଟ୍ କ୍ଲବ ଓ କନ୍ତିଓ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାନ୍ତିଓ ପ୍ରଥମେ ବ୍ୟାଟିଂ କରି ୧୭୮ ରନ୍ କରିଥିଲା। ଜବାବରେ ପରଜଙ୍ଗ ୧୨୧ ରନ କରି ପରାସ୍ତ ହୋଇଥିଲା। ସୂର୍ଯ୍ୟକାନ୍ତ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡିର ସାଧାରଣ ସମ୍ପାଦକ ଗୌତମ ପାଣି ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା ଓ ସାଆନ୍ଦା କଲେଜ ଅଧ୍ୟାପକ ଶିଶିର କୁମାର ପଣ୍ଡା, ସାମାଜିକ କର୍ମୀ ରମେଶ ଚନ୍ଦ୍ର ମାଟିଆ ମିଶ୍ର ଓ ଶିଶୁ ମନ୍ଦିରର ପ୍ରଧାନଶିକ୍ଷକ ସଞ୍ଜୟ ସାହୁ ଯୋଗ ଦେଇଥିଲେ। ଜଗା ଓ ସମୁ ପରିଚାଳନା କରିଥିଲେ। ବିଶ୍ୱଭାରତୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗୁରୁ ଆଶୀର୍ବାଦ ଲାଭକଲେ ଆଗକୁ ବଢ଼ିବା ସମ୍ଭବ

**ସୁବର୍ଣ୍ଣ ଜୟନ୍ତୀ ମହାସମାରୋହ**

ଢେଙ୍କାନାଳ,୧।୧(ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୩ ମାଟ୍ରିକ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ମହାସମାରୋହ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମାୟାଧର ମିଶ୍ର, ମାୟାଧର ନାୟକ, କାଶୀନାଥ ମିଶ୍ର, ଅନ୍ତର୍ଯ୍ୟାମୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁରୁଶିଷ୍ୟଙ୍କ ସମ୍ପର୍କ ଉପରେ କହିଥିଲେ। ପ୍ରତ୍ୟେକ ପିଲାଙ୍କର ପ୍ରଥମ ଗୁରୁ ହେଉଛନ୍ତି ମାତା ପିତା। ଗୁରୁ ଆଶୀର୍ବାଦ ଲାଭକଲେ ଆଗକୁ ବଢ଼ିବା ସମ୍ଭବ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ ବିଦ୍ୟାଳୟ ଜୀବନର ସ୍ମୃତିରାଜ ଓ ଅଭିଜ୍ଞତା ବ୍ୟାଖ୍ୟା କରିଥିଲେ। ଶରତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଶିକ୍ଷକ ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# କପିଳାସ ପୀଠରେ ୨ଲକ୍ଷ ଶ୍ରଦ୍ଧାଳୁ




କପିଳାସ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ନୂତନବର୍ଷ ପ୍ରଥମ ସୋମବାରରେ ଅସମ୍ଭାଳ ଭିଡ଼**

ଢେଙ୍କାନାଳ,୧।୧(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ନୂତନବର୍ଷର ପ୍ରଥମ ସୋମବାରରେ ଅସମ୍ଭାଳ ଭିଡ଼ ଲାଗିଥିଲା। ଭୋର୍ ୫ଟାରୁ ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଦର୍ଶନ କରିଥିଲେ। ଭୋର ୪ଟାରୁ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ନୂତନ ବର୍ଷର ଏହି ପ୍ରଥମ ନୀତିକାନ୍ତି ଦେଖିବାକୁ ଢେଙ୍କାନାଳ ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ବୋଲି ବରିଷ୍ଠ ସେବାୟତ ନିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବାରବାଙ୍କ ରାସ୍ତା ପୂର୍ବରୁ ଯାନବାହାନ ପ୍ରବେଶକୁ ନିଷେଧ କରାଯାଇଥିଲା। ଫଳରେ ବହୁ ସଂଖ୍ୟାରେ ଯାନବାହାନ କପିଳାସ ପାଦ ଦେଶରେ ଅଟକି ରହିଥିଲା। ଶ୍ରଦ୍ଧାଳୁମାନେ ପାହାଚ ଓ ବାରବାଙ୍କ ରାସ୍ତାରେ ଚାଲିଚାଲି ପୀଠକୁ ଆସିଥିବା ଦେଖାଯାଇଥିଲା। ସେହିପରି କପିଳାସସ୍ଥିତ ପ୍ରାଣୀ ଉଦ୍ୟାନ ପରିସରରେ ମଧ୍ୟ ଦର୍ଶକଙ୍କ ଭିଡ଼ ଦେଖାଯାଇଥିଲା। ସେମାନେ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ବଗିଚାରେ ବୁଲିବା ସହିତ ପ୍ରାଣୀମାନଙ୍କୁ ଦେଖିଥିଲେ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ।

